# NATIONAL NEWS BULLETIN (ODIA)

**9 October- 2025**

**Mid Bulletin : 1.50 p.m.**

## ମୁଖ୍ୟ ସମ୍ବାଦ

- ସାମ୍ପ୍ରତିକ ବିଶ୍ୱ ଅସ୍ଥିରତା ମଧ୍ୟରେ ଭାରତ-ବ୍ରିଟେନ୍ ସହଭାଗିତା ଆର୍ଥିକ ବିକାଶର ମୁଳଦୁଆ ପାଲଟିଛି-କହିଲେ ପ୍ରଧାନମନ୍ତ୍ରୀ ।

- ୟୁକ୍ରେନ ସଂଘର୍ଷ, ଶିକ୍ଷା ପ୍ରସଙ୍ଗ ଏବଂ ବାଣିଜ୍ୟିକ ସମ୍ପର୍କ ନେଇ ଆଲୋଚନା କଲେ ଭାରତ ଓ ବ୍ରିଟେନର ପ୍ରଧାନମନ୍ତ୍ରୀ ।

- ଭାରତ-ଅଷ୍ଟ୍ରେଲିଆ ପ୍ରତିରକ୍ଷା ଭିତ୍ତିଭୂମି ସୁଦୃଢ଼ ଲାଗି ଚୁକ୍ତି ସ୍ୱାକ୍ଷରିତ ।

- ବିହାର ବିଧାନସଭା ନିର୍ବାଚନ ନିମନ୍ତେ ପ୍ରାର୍ଥୀତାଲିକା ଚୂଡାନ୍ତ ନେଇ ବିଭିନ୍ନ ରାଜନୈତିକ ଦଳ ମଧ୍ୟରେ ଅଙ୍କକଷା ଜାରି ।

ଏବଂ

- ଆଇସିସି ଦିନିକିଆ ମହିଳା ବିଶ୍ୱକପ୍‌ରେ ଆଜି ଭାରତ ଓ ଦକ୍ଷିଣ ଆଫ୍ରିକା ମଧ୍ୟରେ ହେବ ମୁକାବିଲା ।

## ପିଏମ୍-ମୁମ୍ବାଇ

ମୁମ୍ବାଇରେ ଆଜି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଏବଂ ତାଙ୍କ ବ୍ରିଟେନ୍ ପ୍ରତିପକ୍ଷ କିର୍ ଷ୍ଟାର୍ମରଙ୍କ ମଧ୍ୟରେ ରଣନୈତିକ ସହଭାଗିତା ନେଇ ଆଲୋଚନା ପରେ ଗଣମାଧ୍ୟମକୁ ସମ୍ବୋଧିତ କରି ପ୍ରଧାନମନ୍ତ୍ରୀ କହିଛନ୍ତି

ଷ୍ଟାର୍‌ମରଙ୍କ ନେତୃତ୍ୱରେ ଭାରତ ଓ ବ୍ରିଟେନ୍ ମଧ୍ୟରେ ସମ୍ପର୍କ ଆହୁରି ଦୃଢ଼ ହୋଇଛି । ଉଭୟ ଦେଶ ମଧ୍ୟରେ ଗଣତନ୍ତ୍ର, ସ୍ୱାଧୀନତା ଏବଂ ଆଇନ୍‌ର ଶାସନ ଭଳି ସମତୁଲ ବ୍ୟବସ୍ଥା ଏହି ସମ୍ପର୍କକୁ ଆହୁରି ଦୃଢ଼ କରିଛି ବୋଲି ଶ୍ରୀ ମୋଦୀ କହିଛନ୍ତି । ସେ କହିଛନ୍ତି ବିଶ୍ୱରେ ଦେଖାଦେଇଥିବା ସାମ୍ପ୍ରତିକ ଅସ୍ଥିରତା ମଧ୍ୟରେ ଉଭୟ ଦେଶ ମଧ୍ୟରେ ବୃଦ୍ଧି ପାଉଥିବା ସହଭାଗିତା ଆର୍ଥିକ ବିକାଶର ମୁଳଦୁଆ ପାଲଟିଛି ।

**V/O (PM-Indo UK Global)**

ଗଣମାଧ୍ୟମକୁ ସମ୍ବୋଧିତ କରିବା ଅବସରରେ ଶ୍ରୀ ମୋଦୀ କହିଛନ୍ତି ଆଜିର ଆଲୋଚନାରେ ପଶ୍ଚିମ ଏସିଆରେ ଶାନ୍ତି ଏବଂ ସ୍ଥିରତା ତଥା ୟୁକ୍ରେନ୍‌ରେ ଚାଲିଥିବା ସଂଘର୍ଷ ଉପରେ ଗୁରୁତ୍ୱ ପ୍ରଦାନ କରାଯାଇଥିଲା । ଏଭଳି ପରିସ୍ଥିତିରେ ଭାରତ ସେଠାରେ ଶାନ୍ତି ପ୍ରତିଷ୍ଠା ଲାଗି ଚାଲିଥିବା ସମସ୍ତ ପ୍ରୟାସକୁ ସମର୍ଥନ କରୁଛି ବୋଲି ଶ୍ରୀ ମୋଦୀ କହିଛନ୍ତି ।

**V/O (PM-Gaza Ukren)**

ଆଲୋଚନା କାଳରେ ପ୍ରଧାନମନ୍ତ୍ରୀ ମୋଦୀ' ବ୍ରିଟେନ୍ ପ୍ରଧାନମନ୍ତ୍ରୀ ଷ୍ଟାର୍‌ମରଙ୍କ ସହ ଆସିଥିବା ଉଚ୍ଚସ୍ତରୀୟ ବ୍ୟବସାୟିକ ପ୍ରତିନିଧି ମଣ୍ଡଳୀଙ୍କ ସହ ଶିକ୍ଷା ପ୍ରସଙ୍ଗରେ ଆଲୋଚନା କରିଥିଲେ । ଆଗାମୀ ଦିନରେ ବ୍ରିଟେନ୍‌ର ୯ଟି ପ୍ରମୁଖ ବିଶ୍ୱବିଦ୍ୟାଳୟ ଭାରତରେ ତା'ର ଶାଖା ପ୍ରତିଷ୍ଠା କରିବ ବୋଲି ପ୍ରଧାନମନ୍ତ୍ରୀ କହିଥିଲେ । କିଛିଦିନ ପୂର୍ବେ ଗୁରୁଗ୍ରାମ କ୍ୟାମ୍ପସରେ ସାଉଥ ଆମ୍ପଟନ ବିଶ୍ୱବିଦ୍ୟାଳୟର ଶାଖା ଖୋଲିଥିବା ବିଷୟ ପ୍ରଧାନମନ୍ତ୍ରୀ କହିଥିଲେ । ଆଲୋଚନାକାଳରେ ଭାରତରେ ଖଣିଜ ସମ୍ପଦର ଭବିଷ୍ୟତକୁ ଦୃଷ୍ଟିରେ ରଖି ଉଭୟ ଦେଶର ସହଯୋଗରେ ଏକ

ଶିଳ୍ପ ନୀରିକ୍ଷଣ କେନ୍ଦ୍ର ସ୍ଥାପନ ଲାଗି ସମ୍ମତି ପ୍ରକାଶ ପାଇଥିବା ପ୍ରଧାନମନ୍ତ୍ରୀ କହିଛନ୍ତି ।

**V/O (PM-Critical Minerals)**

ଆଜି ଉଭୟ ପ୍ରଧାନମନ୍ତ୍ରୀ ସିଇଓ ଫୋରମ୍ ବୈଠକରେ ଯୋଗଦେବେ । ବୈଠକରେ ଭାରତ-ବ୍ରିଟେନ୍ ବ୍ୟାପକ ଆର୍ଥିକ ଏବଂ ବାଣିଜ୍ୟ ରାଜିନାମା ଦ୍ୱାରା ଉଭୟ ଦେଶ ପାଇଁ ରହିଥିବା ବାଣିଜ୍ୟିକ ସୁଯୋଗ ସମ୍ପର୍କରେ ବିଭିନ୍ନ ଶିଳ୍ପୋଦ୍ୟୋଗର ନେତୃବର୍ଗଙ୍କ ସହ ସେମାନେ ଆଲୋଚନା କରିବେ । ପୂର୍ବରୁ ଶ୍ରୀ ଷ୍ଟାର୍ମର ମୁମ୍ବାଇରେ ବିଭିନ୍ନ ବୈଠକରେ ଯୋଗଦେଇ ଶିଳ୍ପ ଓ ବାଣିଜ୍ୟିକ ମୁଖ୍ୟଙ୍କ ସହ ଆଲୋଚନା କରିସାରିଛନ୍ତି । ଭାରତ-ବ୍ରିଟେନ୍ ବାଣିଜ୍ୟ ସହଭାଗିତା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ବୋଲି ଶ୍ରୀ ଷ୍ଟାର୍ମର କହିଛନ୍ତି । ଶିଳ୍ପ ପ୍ରତିନିଧିମାନଙ୍କ ସହ ଆଲୋଚନା ସମୟରେ ଶ୍ରୀ ଷ୍ଟାର୍ମର କହିଛନ୍ତି ଗ୍ରେଟ୍‌ବ୍ରିଟେନ୍ ପକ୍ଷରୁ ଭାରତକୁ ଆସିଥିବା ମିଶନ ମଧ୍ୟରେ ଏହା ସବୁଠାରୁ ବୃହତ୍ ବାଣିଜ୍ୟିକ ମିଶନ ।

# ରାଜନାଥ-ଅଷ୍ଟ୍ରେଲିଆ ଭିଜିଟ୍

ଭାରତ ଏବଂ ଅଷ୍ଟ୍ରେଲିଆ ମଧ୍ୟରେ ପ୍ରମୁଖ ପ୍ରତିରକ୍ଷା କ୍ଷେତ୍ରରେ ବୁଝାମଣା ହୋଇଛି । ପ୍ରତିରକ୍ଷାମନ୍ତ୍ରୀ ରାଜନାଥ ସିଂହଙ୍କ ଅଷ୍ଟ୍ରେଲିଆ ଗସ୍ତ କାଳରେ ଏହି ବୁଝାମଣାପତ୍ର ସ୍ୱାକ୍ଷରିତ ହୋଇଥିବା ଜଣାପଡିଛି । ଶ୍ରୀ ସିଂହ ଅଷ୍ଟ୍ରେଲିଆର ଉପପ୍ରଧାନମନ୍ତ୍ରୀ ତଥା ପ୍ରତିରକ୍ଷାମନ୍ତ୍ରୀ ରିଚାର୍ଡ ମାର୍ଲସଙ୍କ ସହ

ଦ୍ୱିପାକ୍ଷିକ ଆଲୋଚନା କରିଛନ୍ତି । ଆଲୋଚନାକାଳରେ ପ୍ରତିରକ୍ଷା ଶିଳ୍ପ, ସାଇବର ପ୍ରତିରକ୍ଷା, ସାମୁଦ୍ରିକ ସୁରକ୍ଷା ଏବଂ ବିଭିନ୍ନ ଆଞ୍ଚଳିକ ଆହ୍ୱାନଗୁଡ଼ିକ ଉପରେ ବିସ୍ତୃତଭାବେ ଆଲୋଚନା କରାଯାଇଛି । ଉଭୟ ଦେଶ ରଣନୈତିକ ଭାଗିଦାରିତା ନେଇ ପ୍ରତିବଦ୍ଧତା ପ୍ରକାଶ କରିଛନ୍ତି । ଏକ ସାମାଜିକ ଗଣମାଧ୍ୟମ ପୋଷ୍ଟରେ ମନ୍ତ୍ରୀ ରାଜନାଥ ସିଂହ କହିଛନ୍ତି ଉଭୟ ଦେଶ ପ୍ରତିରକ୍ଷା ଶିଳ୍ପ ଭାଗିଦାରୀତାକୁ ଆହୁରି ଦୃଢ଼ କରିବା ଲାଗି ସମ୍ମତି ପ୍ରକାଶ କରିଛନ୍ତି ।

## ଆଇଏମ୍‌ଏଫ୍‌-ଇଣ୍ଡିଆ

ଆନ୍ତର୍ଜାତିକ ମୁଦ୍ରାପାଣ୍ଠି ଆଇଏମ୍‌ଏଫ୍‌ର ପରିଚାଳନା ନିର୍ଦ୍ଦେଶକ କ୍ରିଷ୍ଟାଲିନା ଜର୍ଜେଭା ଭାରତର ଅର୍ଥନୈତିକ ବିକାଶକୁ ପ୍ରଶଂସା କରିଛନ୍ତି । ସେ କହିଛନ୍ତି ଗତ କିଛିବର୍ଷ ମଧ୍ୟରେ ଭାରତର ଅର୍ଥନୈତିକ କ୍ଷେତ୍ର ବିଶ୍ୱସ୍ତରୀୟ ସୂଚକାଙ୍କରେ ସାମିଲ ହେବା ସହ ଅଗ୍ରଗତି କରୁଛି । ଭାରତ ଏବେ ବିକାଶର ପ୍ରମୁଖ ଇଞ୍ଜିନ ଭାବେ ବିଶ୍ୱରେ ଉଭା ହୋଇଛି । ଆସନ୍ତା ମାସରେ ବିଶ୍ୱବ୍ୟାଙ୍କ ଏବଂ ଆନ୍ତର୍ଜାତିକ ମୁଦ୍ରାପାଣ୍ଠିର ୱାଶିଂଟନରେ ହେବାକୁ ଥିବା ବୈଠକ ପୂର୍ବରୁ ଏହି ମନ୍ତବ୍ୟ ଆସିଛି । ଆସନ୍ତା ସପ୍ତାହରେ ହେବାକୁ ଥିବା ଏହି ବୈଠକରେ ଅର୍ଥମନ୍ତ୍ରୀ ଏବଂ କେନ୍ଦ୍ରୀୟ ବ୍ୟାଙ୍କ ଗଭର୍ଣ୍ଣରମାନେ ଯୋଗଦେବେ । ଏକ ଘୋଷଣା ଅନୁଯାୟୀ ବିଶ୍ୱରେ

ଚଳିତବର୍ଷ ବିକାଶ ଦର ୩ ପ୍ରତିଶତ ରହିବ ବୋଲି ଆଇଏମ୍ଏଫ୍ ଆକଳନ କରିଛି ।

## ବିହାର-ପଲିଟିକାଲ

ବିହାରରେ ମୁଖ୍ୟ ରାଜନୈତିକ ମେଣ୍ଟ ଏନ୍ଡିଏ ଏବଂ ମହାଗଠବନ୍ଧନର ଆସନ ବୁଝାମଣା ସମସ୍ୟା ଏବେ ବି ଜାରି ରହିଛି । ଆଗାମୀ ବିଧାନସଭା ନିର୍ବାଚନ ପାଇଁ ଉଭୟ ମେଣ୍ଟ  ଆସନ ବୁଝାମଣା ସମସ୍ୟାର ସମାଧାନ ବାହାର କରିପାରିନାହାନ୍ତି । ଏନ୍ଡିଏର ସହଯୋଗୀ ଲୋକ ଜନଶକ୍ତି ପାର୍ଟି (ରାମବିଳାସ) ଅଧିକ ଆସନ ଦାବି କରିଛି । ପାର୍ଟିର ସଭାପତି ଜନତାଦଳ ୟୁନାଇଟେଡ୍ର ଗୋବନ୍ଦଗଞ୍ଜ ଆସନରେ ପ୍ରତିଦ୍ୱନ୍ଦ୍ୱିତା କରିବା ପାଇଁ ଦାବି କରିଛି । ଏହାବ୍ୟତୀତ ମୈଥାନୀ, ଚକାଇ ଓ ମହନର ବିଧାନସଭା ଆସନରେ ପ୍ରାର୍ଥୀ ଦେବା ପାଇଁ ମଧ୍ୟ ଦାବି କରିଛି । ଏନ୍ଡିଏର ୫ଟି ସହଯୋଗୀ ଦଳ ମଧ୍ୟରେ ଆସନ ବୁଝାମଣା ନେଇ କୌଣସି ସହମତି ହୋଇପାରି ନାହିଁ । ଆଜି ମୁଖ୍ୟମନ୍ତ୍ରୀ ନୀତିଶ କୁମାରଙ୍କ ବାସଭବନରେ ବୈଠକ ଅନୁଷ୍ଠିତ ହୋଇଛି । ଅନ୍ୟପକ୍ଷରେ ମହାଗଠବନ୍ଧନ ମଧ୍ୟ ଆସନ ବୁଝାମଣା ନେଇ ଅଡୁଆରେ ପଡିଛି । ମହାଗଠବନ୍ଧନର ସହଯୋଗୀ ସିପିଆଇ ଏମ୍ଏଲ୍ଏ ୪୦ଟି ଆସନ ଦାବି କରିଛି ।

## ବିହାର ପୋଲିଂ ଇନ୍‌ଫ୍ରାଷ୍ଟ୍ରକଚର

ଆଗାମୀ ବିହାର ବିଧାନସଭା ନିର୍ବାଚନରେ ସମସ୍ତ ସୁବିଧା ଯୋଗାଇଦେବା ଲାଗି ନିର୍ବାଚନ ଆୟୋଗ ମତଦାନ କେନ୍ଦ୍ରରେ ବିଭିନ୍ନ ବ୍ୟବସ୍ଥା କରିବା ଲାଗି ନିର୍ଦ୍ଦେଶ ଦେଇଛନ୍ତି । ପ୍ରତ୍ୟେକ ମତଦାନ କେନ୍ଦ୍ରରେ ଦିବ୍ୟାଙ୍ଗଜନ ଓ ବରିଷ୍ଠ ନାଗରିକଙ୍କ ପାଇଁ ର୍ୟାମ୍ପ ବ୍ୟବସ୍ଥା କରାଯିବା ସହ ସହଜ ଯାତାୟତ, ପାନୀୟଜଳ, ଟଏଲେଟ୍, ଆଲୋକ ଏବଂ ପ୍ରତୀକ୍ଷାଳୟ ବ୍ୟବସ୍ଥା କରିବା ପାଇଁ ଆନୁଷଙ୍ଗିକ ପଦକ୍ଷେପ ନେବାକୁ ଆୟୋଗ କହିଛନ୍ତି । ଯେଉଁଠାରେ ଗୋଟିଏ ସ୍ଥାନରେ ୩ଟି ମତଦାନ କେନ୍ଦ୍ର ରହିଥିବ ସେ କ୍ଷେତ୍ରରେ ଅଧିକ ସଂଖ୍ୟକ ପ୍ରବେଶ ଏବଂ ପ୍ରସ୍ଥାନ ବ୍ୟବସ୍ଥା କରିବା ଲାଗି କୁହାଯାଇଛି । ସେହିପରି ଆଦର୍ଶ ମତଦାନ କେନ୍ଦ୍ର ଗୁଡ଼ିକରେ ସ୍ଥାନୀୟ କଳାସଂସ୍କୃତି ପ୍ରଦର୍ଶନ କରିବା ଲାଗି ମଧ୍ୟ ବ୍ୟବସ୍ଥା କରିବାକୁ ନିର୍ଦ୍ଦେଶ ଦିଆଯାଇଛି ।

## ଗଡକରୀ ପିଏଚ୍‌ଡି ଡିସିଆଇ

ସଡ଼କ ପରିବହନ ଓ ରାଜପଥ ମନ୍ତ୍ରୀ ନୀତିନ ଗଡକରୀ କହିଛନ୍ତି ଜାତୀୟ ରାଜଧାନୀ ଦିଲ୍ଲୀରେ ପ୍ରଦୂଷଣ ନିୟନ୍ତ୍ରଣ କରିବା ସରକାରଙ୍କର ସବୁଠାରୁ ବଡ ପ୍ରାଥମିକତା । ନୂଆଦିଲ୍ଲୀରେ ପିଏଚ୍‌ଡି ଚ୍ୟାମ୍ବର ଅଫ୍ କମର୍ସ ଓ ଶିଳ୍ପର ୧୨୦ତମ ବାର୍ଷିକ ଅଧିବେଶନରେ ଶ୍ରୀ ଗଡକରୀ କହିଛନ୍ତି । ପଞ୍ଜାବ ଓ ହରିୟାଣାର ୨୨୦ଲକ୍ଷ ଟନ୍ ପରିମାଣର ଫସଲ

ଅବଶେଷକୁ ବ୍ୟବହାର କରାଯାଇ ୪୦୦ ବାୟୋ ସିଏନ୍‌ଜି ପ୍ରକଳ୍ପ କରାଯାଇଛି । ସେ କହିଛନ୍ତି ଭାରତର କୃଷକ ଦେଶର ଖାଦ୍ୟଚାହିଦା ମେଣ୍ଟାଇବା ସହ ଶକ୍ତି ଓ ମୌଳିକ ଭିତ୍ତିଭୂମି ଆବଶ୍ୟକତାକୁ ମଧ୍ୟ ପୂରଣ କରିଛନ୍ତି ।

## ଫ୍ରାନ୍ସ ନିଉ ପିଏମ୍

ଫ୍ରାନ୍ସର ରାଷ୍ଟ୍ରପତି ଇମାନୁଏଲ୍ ମାକ୍ରନ ଆସନ୍ତା ୪୮ଘଣ୍ଟା ମଧ୍ୟରେ ସେଠାରେ ନୂତନ ପ୍ରଧାନମନ୍ତ୍ରୀ ନିଯୁକ୍ତ କରିବେ । ନୂତନଭାବେ ଦାୟିତ୍ୱ ଗ୍ରହଣ କରିଥିବା ପ୍ରଧାନମନ୍ତ୍ରୀ ସେବାଷ୍ଟିନ୍ ଲିକ୍ରୋନୁ ତାଙ୍କ ପଦବୀରୁ ଇସ୍ତଫା ଦେବାପରେ ସେଠାରେ ରାଜନୈତିକ ସଙ୍କଟ ଦେଖାଦେଇଛି । ଇସ୍ତଫା ଦେଇ ଶ୍ରୀ ଲିକ୍ରୋନୁ ବିରୋଧୀ ଦଳରେ ଯୋଗ ଦେଇଛନ୍ତି । ରାଷ୍ଟ୍ରପତି ମାକ୍ରନଙ୍କୁ ଇସ୍ତଫା ଦେବାକୁ ବା ଦେଶଷର ପୁଣି ନିର୍ବାଚନ କରିବାକୁ ବିରୋଧୀ ଦଳ ପକ୍ଷରୁ ଦାବି କରାଯାଉଛି ।

## ୟୁପି-କାଶୀ ବିଶ୍ୱନାଥ କରିଡର

ଉତ୍ତରପ୍ରଦେଶର ଅର୍ଥନୀତି ପାଇଁ ଶ୍ରୀ କାଶୀ ବିଶ୍ୱନାଥ ଧାମ କରିଡରର ସବୁଠାରୁ ଅଧିକ ଅବଦାନ ରହିଛି । ପ୍ରଧାନମମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଦ୍ୱାରା ୨୦୨୧ ଡିସେମ୍ବରରେ ଏହାର ଉଦ୍‌ଘାଟନ ହେବା ପରେ ବାବା ବିଶ୍ୱନାଥଙ୍କ ଦର୍ଶନ ପାଇଁ ୨୫ କୋଟି ୨୮ଲକ୍ଷ ଶ୍ରଦ୍ଧାଳୁ ଆସିଛନ୍ତି ।

ଏହାଦ୍ୱାରା ରାଜ୍ୟ ଅର୍ଥନୀତିକୁ ୧କୋଟି ୨୫ ଲକ୍ଷ ଟଙ୍କା ମିଳିଛି । ଶ୍ରୀ କାଶୀ ବିଶ୍ୱନାଥ ମନ୍ଦିରର ମୁଖ୍ୟ ପ୍ରଶାସନିକ ଅଧିକାରୀ ବିଶ୍ୱଭୂଷଣ ମିଶ୍ର କହିଛନ୍ତି ଦେଶର ବିଭିନ୍ନ ରାଜ୍ୟ ତଥା ବିଦେଶରୁ ନିୟମିତ ଭାବେ ଶ୍ରଦ୍ଧାଳୁ କାଶୀକୁ ଆସୁଥିବାରୁ ସେଠାରେ ବ୍ୟାପକ ନିଯୁକ୍ତି ସୁଯୋଗ ସୃଷ୍ଟି ହୋଇଛି । ସ୍ଥାନୀୟ ବ୍ୟବସାୟୀ, ଦୋକାନୀ, ନାଉରୀଆ, ପୂଜକ, ରାସ୍ତାକଡ ଉଠାଦୋକାନୀ ଏବଂ ହୋଟେଲ ବ୍ୟବସାୟରେ ଅଭିବୃଦ୍ଧି ପରିଲକ୍ଷିତ ହୋଇଛି । ସମ୍ପୂର୍ଣ୍ଣାନନ୍ଦ ସଂସ୍କୃତ ବିଶ୍ୱବିଦ୍ୟାଳୟର ପ୍ରଫେସର ତଥା ଅର୍ଥନୀତିଜ୍ଞ ରାଜନାଥ କହିଛନ୍ତି ବିଶ୍ୱନାଥ ଧାମକୁ ଆସୁଥିବା ପ୍ରତ୍ୟେକ ପର୍ଯ୍ୟଟକ ହାରାହାରି ୫ହଜାର ଟଙ୍କା ଖର୍ଚ୍ଚ କରିଥାନ୍ତି । ଗତ ସାଢ଼େ ୩ ବର୍ଷ ମଧ୍ୟରେ ପର୍ଯ୍ୟଟକମାନେ ୧କୋଟି ୨୫ଲକ୍ଷ ଟଙ୍କା ଖର୍ଚ୍ଚ କରିଥିବା ସେ କହିଛନ୍ତି । ପର୍ଯ୍ୟଟକମାନଙ୍କ ମଧ୍ୟରେ ୭୦ ପ୍ରତିଶତ ଶ୍ରଦ୍ଧାଳୁ ଦକ୍ଷିଣ ଭାରତରୁ ଆସୁଛନ୍ତି । ପ୍ରାୟ ୧୫ ପ୍ରତିଶତ ଅନ୍ୟାନ୍ୟ ରାଜ୍ୟରୁ ଆସୁଛନ୍ତି । ଶ୍ରଦ୍ଧାଳୁମାନେ କାଶୀ ବିଶ୍ୱନାଥଙ୍କ ଦର୍ଶନ ପରେ ବିନ୍ଧ୍ୟବାସିନୀଧାମ, ତୀର୍ଥରାଜ ପ୍ରୟାଗ, ଅଯୋଧ୍ୟା, ମଥୁରା, ଚିତ୍ରକୂଟ, ନୈମିଷ ଆଦି ତୀର୍ଥସ୍ଥଳ ପରିଦର୍ଶନ କରିଥାନ୍ତି । କାଶୀ ବିଶ୍ୱନାଥ ଧାମ କରିଡର ଦ୍ୱାରା ରାଜ୍ୟ ଜିଡିପରେ ଅଭିବୃଦ୍ଧି ହାସଲ ହୋଇଛି ।

# ସ୍ପୋର୍ଟ୍ସ ରାଉଣ୍ଡଅପ୍

ଆଇସିସି ଦିନିକିଆ ମହିଳା ବିଶ୍ୱକପ୍‌ରେ ଆଜି ଭାରତ ଏବଂ ଦକ୍ଷିଣ ଆଫ୍ରିକା ମଧ୍ୟରେ ମ୍ୟାଚ୍ ଅନୁଷ୍ଠିତ ହେବ । ବିଶାଖାପାଟନାସ୍ଥିତ ୱାଇଏସ୍ ରାଜଶେଖର ରେଡ୍ଡୀ ଏସିଏ - ଭିଡିସିଏ କ୍ରିକେଟ ଷ୍ଟାଡିୟମରେ ଭାରତୀୟ ସମୟ ଅପରାହ୍ଣ ୩ଟାରେ ଏହି ମ୍ୟାଚ୍ ଆରମ୍ଭ ହେବ ।

ଏକସପ୍ତାହ ମଧ୍ୟରେ ଆଜି ଭାରତୀୟ ମହିଳା ତା'ର ତୃତୀୟ ମ୍ୟାଚ୍ ଖେଳିବ । ପୂର୍ବରୁ ଭାରତ' ଶ୍ରୀଲଙ୍କା ଏବଂ ପାକିସ୍ତାନକୁ ପରାସ୍ତ କରିବାରେ ସଫଳ ହୋଇଥିଲା । ଦକ୍ଷିଣ ଆଫ୍ରିକା ମଧ୍ୟ ତା'ର ପ୍ରଥମ ମ୍ୟାଚ୍ ଇଂଲଣ୍ଡଠାରୁ ପରାସ୍ତ ହେବା ପରେ ଅନ୍ୟଏକ ମ୍ୟାଚ୍‌ରେ ନ୍ୟୁଜିଲାଣ୍ଡକୁ ପରାସ୍ତ କରିଥିଲା । ଭାରତ ଏବଂ ଦକ୍ଷିଣ ଆଫ୍ରିକା ଦିନିକିଆ ମ୍ୟାଚ୍‌ରେ ୩୩ଥର ମୁହାଁମୁହିଁ ହୋଇଛନ୍ତି ଏବଂ ଭାରତ ୨୦ଥରବିଜୟୀ ହୋଇଛି ।